ସମାଜ

ତାରିଖ: ୨୨.୦୬.୨୦୧୫

# ବିଆଇଆଇଟିଏମ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫ୍ଲାସ ମବ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର: ପଟିଆସ୍ଥିତ ବିଆଇଆଇଟିଏମ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫୋରମ ମାର୍ଟରେ ଏକ ମ୍ୟାନେଜମେଣ୍ଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ଜରିଆରେ ଛାତ୍ରଛାତ୍ରୀ ମ୍ୟାନେଜମେଣ୍ଟ ଶିକ୍ଷାର ସଚେତନତା ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ ଏବଂ କଳାତ୍ମକ କାର୍ଯ୍ୟକ୍ରମ ଯଥା ଏକକ ନୃତ୍ୟ, ପ୍ରାଚୀନ କଳା ନୃତ୍ୟ, କୁଇଜ ଆଦି ପରିବେଷଣ କରିଥିଲେ । ଏଥିରେ ରଜ ବଜାରକୁ ବିଭିନ୍ନ ସାମଗ୍ରୀ କିଣିବାକୁ ଆସୁଥିବା ଜନସାଧାରଣ ଭରପୁର ମଜା ଉଠାଇବା ସହିତ ମ୍ୟାନେଜମେଣ୍ଟ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇଥିଲେ । ଏହାକୁ ଅନୁଷ୍ଠାନର ସହକାରୀ ଅଧ୍ୟାପକ ବରୁଣ ଅଗ୍ରୱାଲ ପରିଚାଳନା କରିଥିଲେ ।